# NATIONAL NEWS BULLETIN (ODIA)

## 20 July - 2025

## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଲାଗି ଆଜି ବସିବ ସର୍ବଦଳୀୟ ବୈଠକ ।

- ବିରୋଧୀ ଇଣ୍ଡି ମେଣ୍ଟ ବୈଠକରେ ରଣନୀତି ପ୍ରସ୍ତୁତ ।

- ନିଶାମୁକ୍ତ ଭାରତ ଗଠନ ଦିଗରେ ଯୁବ ଆଧାତ୍ମିକ ସମ୍ମିଳନୀର ଗୁରୁତ୍ୱ ରହିଥିବା ପ୍ରଧାନମନ୍ତ୍ରୀଙ୍କ ଦୃଢ଼ୋକ୍ତି ।

- ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ଲାଗି ସୁରକ୍ଷିତ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ 'ଶକ୍ତିଶ୍ରୀ' ଯୋଜନାର ଶୁଭାରମ୍ଭ କଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ।

- ଆସନ୍ତା ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ।

ଏବଂ

- ମହିଳା କ୍ରିକେଟ୍‌ରେ ଭାରତକୁ ୮ ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ଗଭ୍ - ଅଲ୍ ପାର୍ଟି ମିଟିଂ

ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ । ଏହା ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ବସିବ । ଅଧିବେଶନ କାଳରେ ସଂସଦର ଉଭୟ ଗୃହକୁ ସୁରୁଖୁରୁରେ ପରିଚାଳନା ନିମନ୍ତେ ସରକାର ସର୍ବଦଳୀୟ ବୈଠକରେ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସହଯୋଗ ଲୋଡ଼ିବେ । ଆସନ୍ତା ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନ କାଳରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ।

**V/O (Kiran Rijiju)**

# ଅପୋଜିସନ ମିଟିଂ

ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ବିରୋଧୀ ଇଣ୍ଡିମେଣ୍ଟର ସଦସ୍ୟ ଦଳଗୁଡ଼ିକର ଗତକାଲି ବୈଠକ ଅନୁଷ୍ଠିତ ହୋଇଥିଲା । ମୌସୁମୀ ଅଧୀବେଶନ କାଳରେ ବିରୋଧୀ ଦଳଗୁଡ଼ିକ କେଉଁଭଳି ଆଭିମୁଖ୍ୟ ଗ୍ରହଣ କରିବେ ସେ ନେଇ ରଣନୀତି ଚୂଡାନ୍ତ ହୋଇଥିବା ଜଣାପଡିଛି । ବୈଠକରେ କଂଗ୍ରେସ ସମେତ ତୃଣମୂଳକ କଂଗ୍ରେସ, ସମାଜବାଦୀ ପାର୍ଟି, ଶିବସେନା(ୟୁବିଟି), ଡିଏମ୍‌କେ, ସିପିଆଇଏମ୍ ଏବଂ ଏନ୍‌ସିପି-ଏସ୍‌ସିପିର ସଦସ୍ୟମାନେ ଉପସ୍ଥିତ ଥିଲେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ,

ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ଏବଂ ଡିଏମ୍‌କେର ତିରୁଚି ଶିବା ପ୍ରମୁଖ ବୈଠକରେ ଭାଗ ନେଇଥିଲେ । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଛନ୍ତି ମୌସୁମୀ ଅଧିବେଶନ କାଳରେ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ପହଲଗାମ ଆତଙ୍କୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଭଳି ପ୍ରସଙ୍ଗ ଉପସ୍ଥାପନ କରାଯିବ ।

## ପିଏମ୍-ଡ୍ରଗ୍ ଫ୍ରି ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁବ ଆଧ୍ୟାତ୍ମିକ ସମ୍ମିଳନୀର ଗୁରୁତ୍ୱ ସମ୍ପର୍କରେ ଏକ ଲେଖାରେ ନିଶାମୁକ୍ତ ଭାରତ ଗଠନ ଦିଗରେ ଯୁବ ଆଧ୍ୟାତ୍ମିକ ସମ୍ମିଳନୀକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଏକ ପୋଷ୍ଟ'ର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି ନିଶାମୁକ୍ତ ଭାରତ ଗଠନରେ କିଭଳି ଭାବେ ଯୁବ ଆଧ୍ୟାତ୍ମିକ ସମ୍ମିଳନୀ ଭୂମିକା ଗ୍ରହଣ କରୁଛି ତାହା ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

ମାଇଁ ଭାରତ ପଦକ୍ଷେପ ଅଧୀନରେ କାଶୀର ପବିତ୍ର ଘାଟରେ ଆୟୋଜିତ ଯୁବ ଆଧ୍ୟାତ୍ମିକ ସମ୍ମିଳନୀର ବିଷୟବସ୍ତୁ ରହିଛି 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ୀ' । ଏହି ସମ୍ମିଳନୀ ଯୁବ ନେତୃତ୍ୱାଧୀନ ପଦକ୍ଷେପ ମାଧ୍ୟମରେ ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନକୁ ଆହୁରି ଆଗକୁ ନେବ

ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହାକୁ ଆଧ୍ୟାତ୍ମିକ ଜାଗରଣ ଭାବେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି ଭାରତର ଯୁବପିଢ଼ୀ ନିଶାମୁକ୍ତ ଭବିଷ୍ୟତ ଗଠନର ନେତୃତ୍ୱ ନେଉଛନ୍ତି ।

ସମ୍ମିଳନୀର ଏକ ଅଂଶ ଭାବରେ ସାମୁହିକ କାର୍ଯ୍ୟକୁ ପ୍ରେରଣା ଯୋଗାଇବା ଏବଂ ଏକ ସୁସ୍ଥ ଓ ନିଶାମୁକ୍ତ ଭାରତ ଗଠନର ବାର୍ତ୍ତାକୁ ଲକ୍ଷ୍ୟ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ଶାହା- ଉତ୍ତରାଖଣ୍ଡ

ଉତ୍ତରାଖଣ୍ଡ ଭଳି କ୍ଷୁଦ୍ର ରାଜ୍ୟର ବିକାଶ ନ ହେଲେ ଦେଶର ପ୍ରଗତି ହୋଇପାରିବ ନାହିଁ। ତେଣୁ କେନ୍ଦ୍ର ସରକାର କ୍ଷୁଦ୍ର ଏବଂ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ଲାଗି ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ୧୨ ଶହ ୭୧ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କରିବା ଅବସରରେ ଶ୍ରୀ ଶାହା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପୁଞ୍ଜିନିବେଶକାରୀ ଏବଂ ଉଦ୍ୟୋଗୀମାନଙ୍କ ସହ ମତବିନିମୟ କରିଥିଲେ। ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଥିଲେ...

**V/O**

## ଓଡ଼ିଶା-ଶକ୍ତିଶ୍ରୀ

ଓଡ଼ିଶାର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି 'ଶକ୍ତିଶ୍ରୀ' ଯୋଜନା ଘୋଷଣା କରିଛନ୍ତି । ସଂପ୍ରତି ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଜଣେ ଛାତ୍ରୀଙ୍କ ଆତ୍ମଦାହ ପରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ସେନେଇ ମୁଖ୍ୟମନ୍ତ୍ରୀ ଶକ୍ତିଶ୍ରୀ ଯୋଜନା ଘୋଷଣା କରିଥିବା ଜଣାପଡିଛି ।

**V/O (CM Odisha)**

ଏହି ଯୋଜନା ରାଜ୍ୟର ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟକାରୀ ହେବ । ଏଥିରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସ୍ଥାପନ କରାଯାଇ ଏହା କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଯିବ । ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ୫ଜଣ ଶକ୍ତି ଅପାଙ୍କୁ ନେଇ ଏହି ସଶକ୍ତିକରଣ କେନ୍ଦ୍ର ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳାମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ଶକ୍ତିଶ୍ରୀ ଆପ୍ ମାଧ୍ୟମରେ ଛାତ୍ରୀମାନଙ୍କୁ ସଚେତନ କରାଯିବା ସହ ସେଫ୍ ଅଭିଯାନ ଜରିଆରେ ପ୍ରଶିକ୍ଷଣ ଦିଆଯିବା ସହ ବାର୍ଷିକ ଅନ୍‌ଲାଇନ୍ ପ୍ରଶିକ୍ଷଣ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି ।

## ଗୋଏଲ ଟ୍ରେଡ୍ ଡିଲ୍

ଭାରତ ଏବଂ ଚତୁଃରାଷ୍ଟ୍ରୀୟ ୟୁରୋପୀୟ ବ୍ଲକ 'ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ' ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଆସନ୍ତା ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବ। ଆସୋଚାମ୍ ପକ୍ଷରୁ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ବିଶ୍ୱର ପ୍ରଭାବ ସୃଷ୍ଟି ନେଇ ଆୟୋଜିତ ଅଧିବେଶନରେ ଉଦ୍‌ବୋଧନ ଦେଇ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଏହା କହିଛନ୍ତି । ଏକ ରିପୋର୍ଟ...

ଭାରତ ଏବଂ ୟୁରୋପୀୟ ବ୍ଲକର ୪ଟି ରାଷ୍ଟ୍ର ଗତ ବର୍ଷ ମାର୍ଚ୍ଚ ୧୦ ତାରିଖରେ ସ୍ୱାକ୍ଷର ମୁକ୍ତ ବାଣିଜ୍ୟ ରାଜିନାମାରେ ସ୍ୱାକ୍ଷର କରିଥିଲେ। ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘରେ ଆଇସଲ୍ୟାଣ୍ଡ, ଲିଚେନ୍‌ଷ୍ଟାଇନ୍, ନରୱେ ଏବଂ ସ୍ୱିଜରଲାଣ୍ଡ ଅଛନ୍ତି। ଏହି ବ୍ଲକ ବୁଝାମଣା ପରେ ଆସନ୍ତା ୧୦ ବର୍ଷ ମଧ୍ୟରେ ୧୦୦ ବିଲିୟନ ଡଲାର ମଧ୍ୟରୁ ୫୦ ବିଲିୟନ ଡଲାର ପୁଞ୍ଜିନିବେଶ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛି। ସେହିପରି ଆଗାମୀ ୫ ବର୍ଷ ମଧ୍ୟରେ ଆଉ ୫୦ ବିଲିୟନ ଡଲାର ନିବେଶ କରିବ। ଫଳରେ ଭାରତରେ ୧ ମିଲିୟନ ପ୍ରତ୍ୟକ୍ଷ କର୍ମନିଯୁକ୍ତି ସୁବିଧା ସୃଷ୍ଟି ହୋଇପାରିବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି।

ଶ୍ରୀ ଗୋଏଲ କହିଛନ୍ତି, ଦେଶର ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କଲେ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ବୁଝାମଣା କ୍ଷେତ୍ରକୁ ପ୍ରବେଶ କରିପାରିବ। ଶ୍ରୀ ଗୋଏଲ କହିଛନ୍ତି, ଭାରତ ଦେଶର ସ୍ୱାର୍ଥକୁ ସର୍ବଦା ପ୍ରାଥମିକତା ଦେଇଥାଏ।

ଶିଳ୍ପ ନେତା ଏବଂ ଉଦ୍ୟୋଗୀମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ମାନସିକତା ପରିବର୍ତ୍ତନର ଗୁରୁତ୍ୱ ରହିଛି। କ୍ଷୁଦ୍ର ଏବଂ ବଡ଼ ଫାର୍ମଗୁଡ଼ିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ଏବଂ ପାରସ୍ପରିକ ସମର୍ଥନ ଦିଗରେ ପରିବର୍ତ୍ତନ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଶ୍ରୀ ଗୋଏଲ ଏମ୍‌ଏସ୍‌ଏମ୍‌ଇ ଅଂଶୀଦାରମାନଙ୍କୁ ସେମାନଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବା ଶୁଳ୍କ ବିହୀନ ପ୍ରତିବନ୍ଧକ ବିଷୟରେ ସରକାରଙ୍କୁ ସକ୍ରିୟ ଭାବରେ ସୂଚିତ କରିବାକୁ ଅନୁରୋଧ କରିଥିଲେ।

ଶ୍ରୀ ଗୋୟଲ ପରସ୍ପରକୁ ସମର୍ଥନ କରିବା ଏବଂ ଭୋକାଲ ଫର୍ ଲୋକାଲକୁ ଆପଣାଇବା ନିମନ୍ତେ  ଆହ୍ୱାନ ଦେଇଥିଲେ। ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଉପରେ ସେ ଗୁରୁତ୍ୱ ପ୍ରଦାନ କରି କହିଥିଲେ, ବିଶ୍ୱ ସ୍ତରରେ ପ୍ରତିଯୋଗିତା ପାଇଁ  ଗବେଷଣା, ନବସୃଜନ, ଗୁଣବତ୍ତା ଉପରେ ଧ୍ୟାନ କେନ୍ଦ୍ରିଭୂତ ହେବା ଉଚିତ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।

# ବଲୁଚିସ୍ତାନ ପ୍ରୋଟେଷ୍ଟ

ପାକିସ୍ତାନର ଇସଲାମାବାଦରେ ସରକାରଙ୍କ ବିରୋଧରେ ବଲୋଚ ୟାକ ଜେହେତି କମିଟି ଦ୍ୱାରା ଚାଲିଥିବା ପ୍ରତିବାଦ ୫ମ ଦିନରେ ପହଞ୍ଚିଛି । ବଳପୂର୍ବକ ନିଖୋଜ ହୋଇଥିବା ବ୍ୟକ୍ତି ଏବଂ ବଲୋଚ ୟାକ୍ ଜେହେତି

କମିଟିର ନେତାଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ପ୍ରତିବାଦରେ ଏହି ପ୍ରତିବାଦ କରାଯାଉଛି । ଗତକାଲି ପ୍ରତିବାଦର ଚତୁର୍ଥ ଦିନରେ ସେଠାକାର ସରକାର ବିଭିନ୍ନ ରାସ୍ତାଗୁଡ଼ିକ ବନ୍ଦ କରିଦେବା ଫଳରେ ସମ୍ପୃକ୍ତ ପରିବାରଗୁଡ଼ିକ ପ୍ରତିବାଦ ସ୍ଥଳରେ ପହଞ୍ଚି ପାରିନଥିବା କୁହାଯାଇଛି । ଅନ୍ୟପକ୍ଷରେ ପ୍ରତିବାଦକାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ବଳପୂର୍ବକ ବେଲୁଚିସ୍ତାନକୁ ଫେରାଇ ଆଣିବା ଲାଗି ଉଦ୍ୟମ କରାଯାଇଥିବା ସୂଚନା ମିଳିଛି । ଏହି ପ୍ରତିବାଦକାରୀଙ୍କ ମଧ୍ୟରେ ମହିଳା, ବୃଦ୍ଧ ଏବଂ ପିଲାମାନେ ଅଛନ୍ତି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବାଲୁଚ ୟାକ୍ ଜେହେତି କମିଟି କହିଛି ଯେ ପ୍ରତିବାଦକୁ ନିଷ୍କ୍ରିୟ କରିବା ଲାଗି ପାକିସ୍ତାନ ସରକାର ବଳପ୍ରୟୋଗ କରିଛନ୍ତି ।

## ୱେମେନ୍ସ କ୍ରିକେଟ

ଲଣ୍ଡନର ଲର୍ଡ୍ସରେ ଅନୁଷ୍ଠିତ ଭାରତ-ଇଂଲଣ୍ଡ ମହିଳା ଦିନିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଗତକାଲି ଭାରତ ୮ୱିକେଟ୍‌ରେ ପରାସ୍ତ ହୋଇଛି । ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ଅଛନ୍ତି । ପ୍ରଥମେ ବ୍ୟାଟିଂ କରି ଭାରତ ୨୯ଓଭରରେ ୮ ୱିକେଟ୍ ବିନିମୟରେ ୧୪୪ରନ୍ ସ୍କୋର କରିଥିଲା । ବର୍ଷା ଯୋଗୁଁ ଦ୍ୱିତୀୟ ଇନିଂସ୍‌ରେ

ଇଂଲଣ୍ଡ ପାଇଁ ୨୪ ଓଭରରେ ୧୧୫ରନ୍ ଧାର୍ଯ୍ୟ କରାଯାଇଥିବାବେଳେ ମାତ୍ର ୨୧ ଓଭରରେ ଇଂଲଣ୍ଡ ବିଜୟଲକ୍ଷ୍ୟ ହାସଲ କରିଥିଲା । ଏମିଜୋନ୍ସ ୪୬ ଏବଂ ଟମି ବିୟୁମୋଣ୍ଟ ୩୪ ରନ୍ ସ୍କୋର କରିଥିଲେ । ଗତକାଲିର ମ୍ୟାଚ୍‌ରେ ସ୍ମୃତି ମାନ୍ଧାନା ୫୧ଟି ବଲ୍‌ରୁ ୪୨ ରନ୍ ସ୍କୋର କରିଥିବାବେଳେ ଦିପ୍ତୀ ଶର୍ମା ୩୪ଟି ବଲ୍‌ରୁ ୩୦ ରନ୍ ସ୍କୋର କରିଥିଲେ । ତେବେ ଭାରତର ଅନ୍ୟ ବ୍ୟାଟ୍ସମ୍ୟାନମାନେ ଆଶାତୀତ ପ୍ରଦର୍ଶନ କରିପାରିନଥିଲେ । ଆସନ୍ତା ମଙ୍ଗଳବାରଦିନ ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ଖେଳାଯିବ ।

# ରେସ୍‌ଲିଙ୍ଗ

ହଙ୍ଗେରୀର ବୁଦାପେଷ୍ଟରେ ଚାଲିଥିବା ପୋଲୟାକ ଇମ୍ରେ ଭାର୍ଜା ଜାନୋସ ମେମୋରିଆଲ କୁସ୍ତିଯୋଦ୍ଧା ପ୍ରତିଯୋଗିତାରେ ଭାରତୀୟ ମହିଳା କୁସ୍ତିଯୋଦ୍ଧାମାନେ ଉତ୍ତମ ପ୍ରଦର୍ଶନ କରୁଛନ୍ତି । ଭାରତ ଗତକାଲି ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି । ୭୬ କିଲୋଗ୍ରାମ ବର୍ଗରେ ପ୍ରିୟା ମଲ୍ଲିକ ବ୍ରାଜିଲର ମାର୍ଟିନ ମାଚାଦୋଙ୍କଠାରୁ ୩-୪ରେ ପରାସ୍ତ ହୋଇଥିଲେ ମଧ୍ୟ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି । ସେହିପରି ମନିଷା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଗତକାଲିର ଖେଳ ଶେଷ ସୁଦ୍ଧା ଭାରତ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛି ।